**Vagdhara: A Multilingual Peer Reviewed Research Journal**
Vol. 1 No. 2 (2026): January-March; Website: https://vagdhara.in/index.php

# ‘ପୁରାଣ ନଦୀ ’ : ଆଧୁନିକ ମଣିଷର ଅସହାୟତାର ନଗ୍ନ ପ୍ରତିଲିପି

*ହିତଶେ ବହେରୋ

*ଗବଷେକ, ସ୍ନାତକଂୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମଂୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲଶ୍ୱେର - ୭୫୬୦୮୯
ମଂୋ – ୬୨୦୭୮୨୯୩୮୪

*Received: February 15, 2026* *Accepted: March 18, 2026*

ସାରାଂଶ **(शोध सार)**

ଆଧୁନିକ ମଣିଷ ଯେତେ ଯେତେ ସଭ୍ୟ , ଶିକ୍ଷିତ ଓ ବିକଶିତ ପଥରେ ଅଗ୍ରଗତି କରିଛି , ସେତିକି ଅଧିକରୁ ଅଧିକ ମାତ୍ରାରେ ଅସହାୟତାର ଶିକାର ହଂୋଇଆସିଛି | ଆଜିର ମନୁଷ୍ୟ ପ୍ରତିଟି କ୍ଷଣରେ ନିଜକୁ ଅସହାୟ ମନେ କରୁଛି | ସେ ଚାହିଁ କି ବି ଅସହାୟ ରୂପୀ ମାୟାଜାଲ କବଳରୁ ମୁକ୍ତ ହଂୋଇ ପାରୁନି | କେହେ ଅପ୍ରାପ୍ତି କାରଣରୁ ତ କେହେ କାହାକୁ ହରାଇବା ଜନିତ ଅସହାୟ - କଂୌଣସି ନା କଂୌଣସି କାରଣରୁ ଆଧୁନିକ ମଣିଷ ଏଥିରେ ବନ୍ଦୀ |ଏହି ପରିପ୍ରେକ୍ଷୀରେ ସାହିତ୍ୟ ଜଗତରେ ଖ୍ୟାତିସମ୍ପନ୍ନ କବି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ବହୁ ଚର୍ଚ୍ଚିତ ପୁସ୍ତକ ହେଉଛି‘ ପୁରାଣ ନଦୀ ’ କବିତା ସଂକଳନ| ଏଥିରେ ଆଧୁନିକ ମଣିଷ କିଭଳି ଭାବରେ ଅସହାୟତାବଂୋଧର ଶିକାର ହେଉଛନ୍ତି ସେ ସମ୍ପର୍କରେ ବିଶେଷ ଭାବରେ ଚର୍ଚ୍ଚା କରାଯାଇଛି |

**ମୂଳ ଶବ୍ଦ (बीज शब्द)**: ଆଧୁନିକ ମଣିଷ , ଅସହାୟତା , ଅଭାବବଂୋଧ , ଅଭାବବଂୋଧ ଓ ଆଶାବାଦ |

|| ୧ ||

ଜୀବନବ୍ୟାପୀ ନିରଳସ ସାଧନାରେ ନିଜକୁ ମଗ୍ନ ରଖୁଥିବା ଜଣେ ସର୍ଜନମନସ୍କ ଉତ୍ତୁଙ୍ଗ ସାରସ୍ୱତ ସ୍ରଷ୍ଟା ହେଉଛନ୍ତି ସେନାପତି ପ୍ରଦ୍ୟୁମ୍ନ କେଶରୀ | ତାଙ୍କର ରଚିତ ପାପତୃଷ୍ଣା , ଭାଜ୍ୟ ଭାଜକ , ଖେଳେଛୁଟିର ଖରା , ଧୂଳିବେଶ ଓ ପୂତନା ଆଦି କବିତା ପାଠକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି | ଏଥି ମଧ୍ୟରୁ କବିଙ୍କର ‘ ପୁରାଣ ନଦୀ ’(୨୦୨୨) କବିତା ସଂକଳନ ତାଙ୍କ ଜୀବନାନୁଭୂତିର ମୁଗ୍ଧ ଅଭିବ୍ୟକ୍ତି | ୩୮ ଗଂୋଟି କବିତାକୁ ନେଇ ରଚିତ ହଂୋଇଥିବା ଏ ପୁସ୍ତକଟିରେ ଆଧୁନିକ ମଣିଷର ଜୀବନ ଯନ୍ତ୍ରଣା , ଅସହାୟତା , ଅଭାବବଂୋଧ ଓ ସାମାଜିକ ବାସ୍ତବତା ଆଦି ପ୍ରତିଫଳିତ ହଂୋଇଛି |

ଇଂରାଜୀ ସାହିତ୍ୟର ଜଣେ ବିଶିଷ୍ଟ କବି W. Byeats ଙ୍କ ମତାନୁସାରେ “ Blood, emotion and intellect running together” ଅର୍ଥାତ୍ କବିତା ମଧ୍ୟରେ ରକ୍ତ , ଭାବାବେଗ ଓ ଅନ୍ତେଷା ସ୍ୱରର ଉଚ୍ଛ୍ୱାସ ରହିଛି | କବି ଅନୁଭୂତିସିକ୍ତ ବକ୍ତବ୍ୟକୁ ମନ୍ମୟ ଅଭିବ୍ୟକ୍ତିରେ ପ୍ରକାଶ କରି ଆଧୁନିକ ମନୁଷ୍ୟ ଭିତରେ ଖଂୋଜିଛନ୍ତି ଅସହାୟତାପଣ ଓ ଅଭାବପଣ | ପ୍ରକାରାନ୍ତରେ ସେ ଆଧୁନିକ ମାନବ ଭିନ୍ନ ଭିନ୍ନ ସମୟରେ , ଭିନ୍ନ ଭିନ୍ନ ପରିସ୍ଥିତିରେ ସମ୍ମୁଖୀନ ହେଉଥିବା ଅସହାୟତା – ଏ କବିତାରେ ଅନ୍ତର୍ଗୁମ୍ଫିତ ହଂୋଇଛି | ଏଇ କବିତା ପୁସ୍ତକକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲକ୍ଷ୍ୟ କଲେ ମନେହୁଏ ସେ ଜଣେ ପ୍ରଖ୍ୟାତ ମାନବବାଦୀ ଓ ଜୀବନବାଦୀ କବି | କବିତାର ପୃଷ୍ଠାରେ ପୃଷ୍ଠାରେ , ପ୍ରତ୍ୟେକେ ଶବ୍ଦରେ ମାନବବାଦର ସ୍ୱର ଅନୁରଣିତ | ସାଂପ୍ରତିକ ମଣିଷର ଅସହାୟତା ଓ ସାମାଜିକ ବାସ୍ତବତାକୁ ସହୃଦୟେ ଉପଲବ୍ଧି

କରି ତା' ମଧ୍ୟରେ ମାନବବାଦକୁ ଖୋଜିବାର ଯେଉଁ ଆକୁଳ ଜିଜ୍ଞାସା , ତାହା ପ୍ରତ୍ୟକ୍ଷେ କବିତାରେ ଦେଖିବାକୁ ମିଳିଛି | କବିତା ମଧ୍ୟରେ ପାଠକମାନଙ୍କୁ ମାନବ ଜୀବନର ନାନାବିଧ ଘଟଣାବଳୀର ସନ୍ଦର୍ଶନ କରାଇବା ଜଣେ ଉଚ୍ଚକୋଟୀର ଲଖେକର ଶ୍ରେଷ୍ଠ ନିଦର୍ଶନ |

|| ୨ ||

ଆଧୁନିକ ମଣିଷ ତିଳେ ତିଳେ ଅସହାୟତାର ପ୍ରବାହମାନ ସ୍ରୋତରେ ଭାସମାନ ଅବସ୍ଥାରେ ବିଦ୍ୟମାନ |ତା'ର ଗତି କେଉଁ ଆଡ଼କୁ , ତା'ର ଆସନ୍ତାକାଲି କେଉଁ ଆଡ଼କୁ ବୋହିନବେ ତାହା ଜଣାନାହିଁ |' ସରସ୍ତୀ ' କବିତାରେ ସରସ୍ତୀ ନିଜ ପୁତ୍ରକୁ ହରାଇଦବୋ ଦ୍ୱାରା ତା' ହୃଦୟରେ ପୀଡା ଜନିତ ଯେଉଁ ଅସହାୟତା ସୃଷ୍ଟି ହୋଇଛି , ତାହା ତାକୁ ସଂପୂର୍ଣ୍ଣ ଦୁର୍ବଳ କରି ପକାଇଛି | ତା'ର ଭଣ୍ଡେିଆ ପୁଅ ଗାଡିଚକ ତଳେ ପଶେି ହୋଇଯିବା ଦିନଠାରୁ ତା'ର ଜୀବନରେ ଘଟିଛି ଦାରୁଣ ବିପର୍ଯ୍ୟୟ | ଶୁଖିଲା ବାଉଁଶ ପରି ଫାଟିଯାଇଛି ତା'ର ଭାଗ୍ୟ , ଶଫେଳି ଫୁଲ ପରି ମଉଳି ଯାଇଛି ତାର ମନ ଓ ହୃଦୟ |ଯାହାକୁ ପାଥଯେ କରି , ଯାହାର ମୁହଁକୁ ଚାହିଁ ଚାହିଁ ବଞ୍ଚୁଥିବା ଜୀବନଟାକୁ ସହଜ ଓ ସରଳ କରିଦଇେଥିଲା , ଦଶ ଜଣଙ୍କ ପଟେ ପୋଷିବାର ସକ୍ଷମ ରଖିଥିବା ପୁଅ ଯତେବେଳେ ମୃତ୍ୟୁବରଣ କରିଛି ସତେବେଳେଅନନ୍ୟୋପାୟ ହୋଇ ମଳା ଆଶାକୁ ନଇେ ବାକି ଜୀବନ କାଟିବା ଲାଗି ମଠକୁ ଆବୋରି ନଇେଛି | ଏଇ ସରସ୍ତୀ ଭଳି ' ବୋଉ ' କବିତାରେ ବୋଉ ମଧ୍ୟ ଆଜି ଅସହାୟତାର ବଦେନାରେ ବ୍ୟଥିତ | ଏବେ ପରିଣତ ବୟସରେ ଲୁଡୁ ଖଳେୁଛି ବୋଉ | ଯେଉଁ ଚଞ୍ଚଳ ହାତ ଦିନେ ହାଣ୍ଡିଶାଳ ଠାରୁ ଦହିମୁହାଁ ଯାଏ , ଆଉ ଗାଈ ଗୁହାଳ ଠାରୁ ଧାନଖଳା ଯାଏ ପହଁରି ଆସୁଥିଲା ସେ ହାତ ଆଜି ଅବଶ | ଯେଉଁ ହାତର ସ୍ପର୍ଶରେ ଝୋଟିଚିତା ସାରାଘର ଚମକୁଥିଲା , ସେ ହାତ ଆଜି ଅକାମୀ ପାଲଟିଛି | ସେ ବସିବସି ଏବେ ପିଲାମାନେ ଗଡଉଥିବା ଲୁଡୁଗୋଟି ଗଡାଉଛି | ତା' ପାଇଁ ସାପ ମୁହଁରେ ଦାନ ପଡିବା ଯାହା , ସିଡି ଚଢିବା ପୂରାପୂରି ସଇେଆ ଅର୍ଥାତ୍ ଉଭୟ ସୁଖଦୁଃଖ ତା' ପାଇଁ ସମାନ | ସମସ୍ତଙ୍କ ପାଇଁ ବୋଉ ଆଜି ଅର୍ଥହୀନ ଓ ଦୁର୍ବଳ ହୋଇ ଢଳିବି ଢଳିବି ହଉେଥିବା ଥୁଣ୍ଟା ବରଗଛଟିଏ ଭଳି ଛିଡା ହୋଇଛି| କିଏ ଅବା କାହିଁକି ତା ପଣତ କାନିରେ ପିଲାମାନଙ୍କ ପ୍ରତି ବାନ୍ଧି ରଖିଥିବା ସ୍ନହେ କଥା ବୁଝିବ ବା ଦୁଇ ଆଖିରୁ ଝରି ଆସୁଥିବା ତତଲା ଲୁହର ମୂଲ୍ୟକୁ ଅନୁଭବ କରିପାରିବ | ଏବେ ବୋଉର ଟିକିଏ କଥା ବି ଅଗ୍ରହଣୀୟ | ତା'ର ଏ ମନଦଶାରେ ବାଷ୍ପାକୁଳ କବିକଣ୍ଠରେ ଫୁଟି ଉଠିଛି –

**" ଯୋଉ ତୁଣ୍ଡମାନେ / ଦିନେ କହୁଥିଲେ , ଆହା / ବୋଉର ହାତ ଅମୃତ,**

**ସହେି ତୁଣ୍ଡମାନେ / ଏବେ ନୂଆ ନୂଆ ରନ୍ଧା ଖାଇ / ହାତ ଚାଟି ସନ୍ତୁଷ୍ଟ |"** ( ଲୁଡୁ ଖଳେୁଛି ବୋଉ , ପୃ- ୨୨)

ଯେଉଁ ହାତ ଦିନେ ମଧୁମିଠା ସ୍ୱରରେ ଗୀତ ଗାଇ ଗାଇ ପରଷି ଆସିଛି ନାନା ବ୍ୟଞ୍ଜନ , ସେ ହାତ ଏବେ ଅଚଳ | ଯାହାଙ୍କ ପ୍ରତ୍ୟକ୍ଷେ ଅଙ୍ଗରୁ ଝରୁଥିବା ଘିଅ , କ୍ଷୀର ଓ ଲହୁଣୀ ଖାଇ ଶରୀର ପୁଷ୍ଟ ହୋଇଛି , ଦୁର୍ବଳ ଦହେରେ ପଶିଛି ଭୀମ ପରାକ୍ରମ ବର୍ତ୍ତମାନ ସମେନେ ହଉେଛନ୍ତି ଅନାଦରର ପାତ୍ର | ଏହା ଆଧୁନିକ ମଣିଷର ଅଗ୍ରଗତି ନା ଅଧୋଗତି ବୁଝାପଡ଼ନେି ? ଆଧୁନିକ ମଣିଷ ପାଠ ପଢିଛି , ଚାକିରି ପାଇଁ ଗାଁ ,ଜିଲ୍ଲା କିମ୍ବା ରାଜ୍ୟ ଛାଡି ବାହାରକୁ ଯାଇଛି ; ମାତ୍ର ବୃଦ୍ଧ ପିତାମାତା ସହେିପରି ଅବହଳେିତ ଅବସ୍ଥାରେ ରହିଛନ୍ତି | ଯେଉଁ ହୃଦୟ ବଗିଚାରେ କାଉ କୋଇଲି , ପ୍ରଜାପତି ଓ ସାଧବବୋହୂମାନଙ୍କ ଭିତରେ ହସର ଲହରୀ ଉଠୁଥିଲା | ସମେନଙ୍କ ଅନୁପସ୍ଥିତିରେ ବିଦୀର୍ଣ୍ଣ ହୋଇଯାଇଥିବା ହୃଦୟ ଧୂଳି ସରସର ଉଦ୍ୟାନରେ ପରିଣତ ହୋଇଛି | ବର୍ତ୍ତମାନ ସମସ୍ତେ ଆପଣା ବ୍ୟସ୍ତତା ଭିତରେ ବୁଡି ରହି ତାଙ୍କୁ ଦୁନିଆ ଦଖେଇଥିବା ବୃଦ୍ଧ ପିତାମାତାଙ୍କ କଥା ଭୁଲି ଯାଇଛନ୍ତି | ଆପଣା ସନ୍ତାନମାନଙ୍କ ବିନା ସେ ଦୁଇ ପବିତ୍ର ଆତ୍ମାଙ୍କ ଅବସ୍ଥା ଯେ କେତେ ନିଃସହାୟ , ତାହାର ଅନୁଭବ ଅତ୍ୟନ୍ତ ବଦେନାଦାୟକ | କାବ୍ୟନାୟକ ଆଜିର ଶିକ୍ଷିତ ସମାଜର ଏ ବ୍ୟବସ୍ଥା ଓ ଅବସ୍ଥାକୁ ଲକ୍ଷ୍ୟ କରି କବି-ପ୍ରାଣ ଶୋକାକୁଳ ହୋଇଉଠିଛି –

**" ଘରର ଭଣ୍ଡେିଆ ପିଲାମାନେ / ଯେ ଯୁଆଡେ ଦୂରଇେ ରହିଲା ପରେ /ରୁଗୁ ରୁଗୁ ହୋଇ ପୋଡି ଉଠେ**

**ବୁଢା ବୁଢୀଙ୍କ ଛାତି ତଳର / ଯେଉଁ ଅଦଖୋ ଜାଗା / ତା'ରି ନାଁ ପରା ବଗିଚା |"**( ଶୂନ୍ୟ ବଗିଚା , ପୃ- ୮୦ )

‘ ମାରାହାଣ୍ଡି ’ରେ ବିଶୁଦ୍ଧ ଥିବା ମନକୁ ଅଇଁଠା କରି ଚାଲିଯିବା ପରେ ମନରେ ଲାଗିଛି ଏକ ଶକ୍ତ ଆଘାତ । ଏ ମାରାହାଣ୍ଡି ହେଉଛି ଜଣେ ଧର୍ଷିତା ହୋଇଥିବା କିଶୋରୀ କନ୍ୟା । ଯାହାର ଜୀବନରେ ଘୋଟି ଆସିଛି ବିକଳ ବେଦନା ଓ ଯନ୍ତ୍ରଣାର କଳା ବାଦଲ । ତା’ର ଶରୀରକୁ ମାରା କରି ଚାଲି ଯାଇଥିବା ନୃଶଂସ ମାଂସଲୋଭୀ କୁକୁରମାନେ ବେପରୁଆ ହୋଇ ବୁଲିଛନ୍ତି । କିନ୍ତୁ ଏଥିପ୍ରତି କାହାରି ଦୃଷ୍ଟି ନାହିଁ କିମ୍ବା ତା’ ଅସହାୟତା ବୁଝିବା ଲୋକ ଜଣେ କେହି ନାହାନ୍ତି । ଏହା ହିଁ ତ ଆଧୁନିକ ବିବେକୀ ମଣିଷର ପରିଚୟ । କିନ୍ତୁ ସେ ଡରିଯାଇନି ତା’ର ସମସ୍ତ ମାନ ଅପମାନକୁ ନିଜ ଭିତରେ ହିଁ ସମାଧିସ୍ଥ କରିଦେଇଛି । ଏ ସବୁ ଘଟିବା ପରେ ବି ପରିବାର ଲୋକେ ସ୍ୱପ୍ନ ଦେଖିଛନ୍ତି , ଯେ କିପରି ମଳୟର ମଧୁବାସ୍ନାରେ ତା’ର ମଳା ଜୀବନ ଜୀଇଁ ଉଠିବ , ଖିଲି ଖିଲି ହୋଇ ହସିଉଠିବ ତା’ର ରଜନୀ ଗନ୍ଧାର ରାତି । କିନ୍ତୁ ଯାହାର ଜୀବନ ପୂର୍ବରୁ ଛାରଖାର ହୋଇ ସାରିଛି , ତା ପାଇଁ ତ ଏସବୁ ପୋଡା ଅଙ୍ଗାର ।ଯାହାର ଜୀବନ ଥରେ ମରି ଯାଇଛି ତା’କୁ ଯେତେ ଯାହା କଲେ ମଧ୍ୟ ତାହା କ’ଣ ଫେରି ଆସିବ ?ଏଣୁ ଏ ଆତସବାଜି , ଏ ଲୋକ ଦେଖାଣିଆ କାର୍ଯ୍ୟ ତାକୁ ମୂଲ୍ୟହୀନ ମନହେଉଇଛି –

**“ ହେଲେ ମୁଁ ଜାଣେ / ମୋ ପାଇଁ ଏ ସବୁ ନଡ଼ିଆ ; ଭୂତଖିଆ /ସବୁ ଆମ୍ବତାଳ ; ବିଛୁଆତି**

**ସିନ୍ଦୁର ; ପୋଡା ଅଙ୍ଗାର / ଅଳତା ; ରକ୍ତନଦୀ ! ।”**( ମାରାହାଣ୍ଡି , ପୃ- ୨୫ )

ଆଧୁନିକ ମଣିଷ ପ୍ରତିକ୍ଷଣରେ ଅସହାୟତାର ଶିକାର ହେବାରେ ଲାଗିଛି । କେତେବେଳେ ଅପ୍ରାପ୍ତି ଜନିତ ଅସହାୟ ତ କେତେବେଳେ କାହାକୁ ହରାଇ ଦେବାର ଅସହାୟ । ପୁଣି ବିଫଳତା ଲାଗି ଅସହାୟ ତ ଆସୁଥିବା ସମସ୍ୟା ଲାଗି ଅସହାୟ । ଯେପରି କୁମୁଦ ଚନ୍ଦ୍ରକୁ ପାଇ ହରାଇବାର ଯେଉଁ ବେଦନା , ପଥିକ ମରୁଭୂମିରେ ପାଣି ଖୋଜିବା ଯେମିତି ଅସହାୟ ପଣର ପରିଚୟ , ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଣିଷର ଯେଉଁ ଚରମ ଅସହାୟତା ତାହା ଠିକ ସେହି ସମାନ ପ୍ରକାରର । ମଣିଷ ସମ୍ମୁଖୀନ ହେଉଥିବା ବିପର୍ଯ୍ୟୟ ମଧ୍ୟରୁ ବନ୍ୟା ଏକ ମହା ଭୟଙ୍କରୀ ଡାଆଣୀ । ସେ ଆସେ ତ ଅନେକ ଲୋକଙ୍କ ରକ୍ତ ଶୋଷି ଚାଲିଯାଏ । ଅନେକ ଘର ଉଜାଡି ପକାଏ , ଧୋଇ ଧାଇ ବୋହି ନିଏ ସବୁ ତାଙ୍କ ବର୍ଷ ବର୍ଷର ସାଉଁଟା ସ୍ମୃତି ଓ ପରିଶ୍ରମର ଫଳ । ଏ ସମୟରେ ସାଇତି ରଖିଥିବା କେତେକ ମୂଲ୍ୟବାନ ସମ୍ବଳକୁ ହରାଇ ଦେବା ଦ୍ୱାରା ଯେଉଁ ଅସହାୟତା ଦେଖାଯାଏ , ତାହା ‘ ଡାଆଣୀ ’ କବିତାରେ ପ୍ରତିଫଳିତ ।ବର୍ଷାପାଣି ଘର ଭିତରେ ପଶି ସବୁ ଆସବାବ ପତ୍ର ଭସାଇନିଏ । ତା’ ମଧ୍ୟରେ ଅନେକ ଥାଏ ମନ ପସନ୍ଦର ଜିନିଷ । ସେ ଜିନିଷ ତ ବହି ନେଇ ଯାଏ , ତା ସହିତ ଘେନିଯାଏ ସେଇ ଜିନିଷ ସହ ଜଡ଼ିତ ହୋଇ ରହିଥିବା ସବୁ ସ୍ମୃତି । ଏ ମହାଭୟଙ୍କରୀ ବନ୍ୟା ହେଉ କି ବର୍ଷା , ଏମାନେ ଯେତେବେଳେ ଆସନ୍ତି ସେତେବେଳେ ମଣିଷର ଜୀବନ ଯେ କେତେ ବିପଦସଙ୍କୁଳ ତାହା ଅବର୍ଣ୍ଣନୀୟ । ନିର୍ଦ୍ଦୟ ଭାବରେ ପଶି ଆସି ସବୁକିଛି ନଷ୍ଟ କରି ନିଃସ୍ କରିଦେଇ ଚାଲିଯାଏ । କାବ୍ୟନାୟକ ଏ କ୍ରୂର ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟର ଆଖ୍ୟା ନଦେଇ ‘ ଡାଆଣୀ ’ ନାମକରଣ କରି କହୁଛନ୍ତି –

**“ ବର୍ଷା ଯେତେବେଳେ / ଘରେ ପଶେ**

**ସେତେବେଳେ ସେ ଗୋଟେ ରକ୍ତଖାଇ କଞ୍ଚା ଡାଆଣୀ ।”** (ଡାଆଣୀ , ପୃ- ୪୫ )

ସଂସାର ତ ଏମିତି କେବେ ସୁଖର ହାଟ ତ ପୁଣି କେବେ ଦୁଃଖର ଭଙ୍ଗା ଲହଡା ଘାଟ । ଗୀତା ଅନୁସାରେ ଖୁସି ବେଳେ ଅଧିକ ଭାବପ୍ରବଣ ହେବାର ଆବଶ୍ୟକ ନାହିଁ କି ଦୁଃଖ ବେଳେ ସଂପୂର୍ଣ୍ଣ ଭାଙ୍ଗି ପଡିବାର ନାହିଁ । ଏ ଦୁଇକୁ ସମାନ ମଣି ବସବାସ କଲେ , ଜୀବନ ହୋଇଯାଏ ସୁଖମୟ । ସମାଜରେ ଦରିଦ୍ରର ଜୀବନ ବଞ୍ଚିବା ଅତ୍ୟନ୍ତ କଷ୍ଟକର ଓ ବେଦନାଦାୟକ । କାରଣ ଦାରିଦ୍ର୍ୟର ଶିକାର ହୋଇଥିବା ମଣିଷ ଇଚ୍ଛା ମୁତାବକ ତା’ର ଅଭାବକୁ ପୂରଣ କରିପାରେ ନାହିଁ । ଫଳରେ ସୃଷ୍ଟି ହୁଏ ତା ମନରେ ଅସରନ୍ତି ବିଷାଦର ଲାସ୍ୟରେଖା । କବି ଗଙ୍ଗାଧର ମେହେରଙ୍କ ଅନୁସାରେ ସଂସାରରେ ଦରିଦ୍ରତା ପୂର୍ଣ୍ଣ ଜୀବନ ବଞ୍ଚିବା ପଙ୍କପୂର୍ଣ୍ଣ ପୋଖରୀ ସହିତ ସମାନ । ଅଭାବଜନିତ ଗରିବ ଲୋକର ଏ ଯେଉଁ ଅସହାୟ , ତା ସହିତ ଯଦି ନିଃସନ୍ତାନର କଳା ଟୀକା ଲାଗିଯାଏ ତେବେ କଷ୍ଟ ଦ୍ୱିଗୁଣିତ ହୋଇଯାଏ ।‘ ଗଉରାର ସଂସାର ’ ମଧ୍ୟ ଠିକ ଏହିପରି ସଂଘର୍ଷପୂର୍ଣ୍ଣ ।ତା’ ସ୍ତ୍ରୀକୁ ନେଇ ତାହାର ସଂସାର । ନିଜ ପେଟର କ୍ଷୁଧାକୁ ପ୍ରଶମିତ କରିବା ନିମିତ୍ତ ରିକ୍ସାବୃତ୍ତିକୁ ସେ ଆପଣାଇଛି । ଦିନସାରା ରିକ୍ସା ଟାଣି ଟାଣି , ଏ ସାହିରୁ ସେ ସାହିକୁ ଧାଇଁ ଧାଇଁ ବେଦମ୍ ହୋଇପଡ଼ିଛି ; କିନ୍ତୁ ସେଥିରେ ତା’ର ପେଟର ଭୋକ ମରିଛି ନା ମନର ।

ଗଉରା ଭ ୋକର ଦାରୁଣ୍ୟତାରେ ଛାଟିପିଟି ହ ୋଇ ତାର ତମାମ୍ ଜୀବନ କଟିଯାଇଛି ; ଅଥଚ କିଛି କରିପାରି ନାହିଁ । ସମୟର ତାଡନାରୁ ହଉ କିମ୍ବା ଦୁର୍ଭାଗ୍ୟ କାରଣରୁ ହଉ ଗଉରା ପୁତ୍ର ସ୍ନେହରୁ ବଞ୍ଚିତ ହ ୋଇଛି , ଏହା ତାହାର ଅଭାବକୁ ବହୁଗୁଣିତ କରିଛି । ମଣିଷର ସବୁଇଚ୍ଛା କ'ଣ ପୂରଣ ହୁଏ ? କିଛି ସ୍ୱପ୍ନ , କିଛି ଆଶା ସମେିତି ଛାତିତଳେ ନୀରବ ହ ୋଇ ରହିଯାଏ । ଏଇ ଅସହାୟତା ନା କାହାକୁ ଦଖୋଇ ହୁଏ ନା ଦଖେି ହୁଏ , ଅନ୍ତର୍ମନରେ କୁହୁଳି କୁହୁଳି ଜଳୁଥାଏ । ଯେଉଁ ମଣିଷ ସନ୍ତାନ ନିକଟରୁ ମାତାପିତା ଡାକରୁ ବଞ୍ଚିତ ହ ୋଇଥାଏ , ସାରା ଜଗତ ତା ପାଇଁ ସନ୍ତାନ ନଜର ଆସେ । ସେ ସମସ୍ତଙ୍କୁ ସନ୍ତାନ ମନକେରି ପିତୃସ୍ନେହ ଦବୋକୁ ଚଷ୍ଟୋ କରେ । ଏଇ କବିତାରେ ଗଉରାର ସ୍ଥିତି ମଧ୍ୟ ଠିକ ସହେିପରି ସେ ଏକ ଷଣ୍ଢ ଉପରେ ଆପଣା ପିତୃତ୍ ଜାହିର କରି ତା ଉପରେ ଅଜାଡି ଦଇେଛି ତା ଉପରେ ଅସରନ୍ତି ସ୍ନେହ ଓ ମମତା । କବିଙ୍କ ଭାଷାରେ –

**" ତା'  କ ୋଳରେ ଷଣ୍ଢଟି ମୁହଁ ରଖେ / ଶରଧାରେ ତାକୁ ଗଉରା ଆଉଁସେ**

**ପିଲା ବକଟେ ନାହିଁ ବ ୋଲି /ବଳେବେଳେ /ତା ଭାରିଜା ଠୁ ଅଚଞ୍ଛା ଗାଳି ଶୁଣେ ।"**

( ଗଉରାର ସଂସାର  , ପୃ- ୬୩ )

ବିବାହ କରି ସନ୍ତାନ ସନ୍ତତି ଜନ୍ମ କରିବା କବେଳ ବିବାହର ଉଦ୍ଦଶ୍ୟେ ନୁହେଁ ବା ବିବାହର ପ୍ରକୃତ ଅର୍ଥ ନୁହେଁ ଯେ ସ୍ୱାମୀ ସ୍ତ୍ରୀର ଦହୈିକ ମିଳନ । ପତିପତ୍ନୀର ମିଳନ ତ ଆବଶ୍ୟକ ; ମାତ୍ର ଶାରୀରିକ ମିଳନ ହବୋ ଆଗରୁ ଦୁଇ ମନର ମିଳନ , ଦୁଇ ହୃଦୟର ମିଳନ ହବୋ ଏକାନ୍ତ ଆବଶ୍ୟକ ଅଟେ । ନଚତେ ଜୀବନ ହବେ ମୁକୁଳା ହ ୋଇ ଭୂଇଁରେ ଲଟଇେ ପଡ଼ିଥିବା ଶୁଖିଲା ଫୁଲ ପରି ରସହୀନ ।' ମରଦ ' କବିତାରେ ବିବାହିତା କିଶ ୋରୀ କନ୍ୟାର ମନଦଶା ଠିକ ଏହିପରି ହ ୋଇଛି । ଉଭୟଙ୍କ ମଧ୍ୟରେ ଦହେର ମିଳନ ତ ଘଟିଛି ; କିନ୍ତୁ ମନର ମିଳନ ହ ୋଇପାରି ନାହିଁ । ଦିନସାରା କାତ ମାରି ମାରି ଆପଣା ପରିବାର ଚଳାଉଥିବା ତା'ର ସ୍ୱାମୀ , ସନ୍ଧ୍ୟାରେ ଆସି କ୍ଳାନ୍ତ ଓ ଶ୍ରାନ୍ତ ଯ ୋଗୁଁ ଶ ୋଇପଡ଼େ । ପତ୍ନୀ ସହିତ ପଦିଏ ପ୍ରମେପୂର୍ଣ୍ଣ ମଧୁର ଆଳାପ ବି କରିପାରେ ନାହିଁ ଏହା ହିଁ ତା'ର ଅଭାବ , ଏହା ହିଁ ତାର ଅସହାୟ । ଜଣେ ନାରୀ ତା' ସ୍ୱାମୀ ନିକଟରୁ ଆଉ ଅଧିକ କିଛି ଆଶା କରେ ନାହିଁ । ଏଇ ମିଠା କଥା ପଦକ ମିଳିଗଲେ ତାକୁ ଲାଗେ ତା' ଜୀବନରେ ଶ୍ରଷ୍ଠେ ସମ୍ପଦ ମିଳିଯାଇଛି ।ଯମେିତି ତା ଆୟୁଷରେ ଆଉ ଆଞ୍ଜୁଳେ ଆୟୁଷ ମିଶିଯାଇଛି। ବିବାହିତା ନାରୀ ସ୍ୱାମୀ ନିକଟରୁ ଏତକ ନ ପାଇଲେ ବିବାହ ତାକୁ ଅର୍ଥହୀନ ମନହେୁଏ । ସେ ତାକୁ ବିବାହ କରିଛି ସତ ; ମାତ୍ର ସେ ନା ହ ୋଇପାରିଛି ଘରର ନା  ଘାଟର  । କବି ଚିତ୍ତରେ ଏ ଅସହାୟତାର ଦୃଶ୍ୟ ଅଧିକ ଜୀବନ୍ତ ହ ୋଇ ଉଠିଛି –

**" ସାରା ରାତି କମ୍ପୁଥାଏ /ଘୁଙ୍ଗୁଡି ଶବ୍ଦରେ !/ନଥାଏ କଥା କି ଗଳେ /ନଥାଏ ବର୍ତ୍ତମାନ କି ଭବିଷ୍ୟ**

**ରାତି ପରି ଜୀବନଟା ଲାଗେ ନିହାତି ଛଉେଣ୍ଡ ।"** ( ମରଦ , ପୃ – ୬୮/ ୬୯ )

ସିନ୍ଦୁରକୁ ସୂର୍ଯ୍ୟ ଓ ରୁଣୁଝୁଣୁ କରୁଥିବା ଚୂଡ଼ିକୁ ସଙ୍ଗୀତର ଆଖ୍ୟା ଦିଆ ଯାଇଥାଏ । ସଇେ ସିନ୍ଦୁର ଓ ଚୂଡ଼ି ତ ବର୍ଷ ବର୍ଷ ଧରି ପାଟି ଖ ୋଲୁନଥିବା ଜଣେ ଅସହାୟା ଅବଳା । ତାହାର ସ୍ୱାମୀ କବେେ ମନର କଥା ବୁଝେ ନାହିଁ ସେ ଚିରକାଳ ଧରି ତା' ସ୍ୱାମୀର ତୀବ୍ର କାମନାର ଶିକାର ହ ୋଇ ଆସିଛି । ଯାହାକୁ ସେ ଦବେତା ଜ୍ଞାନରେ ଏଯାବତ୍ ପୂଜା କରିଆସୁଛି , ସେ ମଣିଷ ନୁହଁ  ତ ଗ ୋଟେ ଦହେର ଦଲାଲ୍ । କାବ୍ୟନାୟକଙ୍କ ଦୃଷ୍ଟିରେ ଚିରକାଳ ନାରୀ ଯପେରି ମାଂସର ବିପଣୀ ସାଜିଥିଲା , ଠିକ୍ ଆଜି ମଧ୍ୟ ସପେରି କିଣାବିକାର ଏକ ବସ୍ତୁ ମାତ୍ର । ନାରୀର ମନକୁ ଜିଣିବା ପାଇଁ କବେଳ କୁହାଯାଏ ଯେ ତାର ସିନ୍ଦୁର ହଉେଛି ସୂର୍ଯ୍ୟ ଓ ରୁଣୁଝୁଣୁ କରୁଥିବା ଚୂଡ଼ି ତା'ର ସଙ୍ଗୀତ ବ ୋଲି । ଯେଉଁ କାମ ଲ ୋଲୁପ ପୁରୁଷମାନଙ୍କ ପାଇଁ ନାରୀ ଏକ ଦହେଭଗ୍ୟା ବସ୍ତୁ , ସମୋନଙ୍କ ତୃଷ୍ଣା ମଣ୍ଟୋଇବାକୁ ଯାଇ ତା'ର ସ୍ୱାଧୀନତା ହରାଇ ବସେ । ତା'ର ଆଶା , ସ୍ୱପ୍ନ ସବୁ ଭାଙ୍ଗି ଚୁରମାର ହୁଏ । କାବ୍ୟ ନାୟକଙ୍କ ଭାଷାରେ  –

**" ଥରକୁ ଥର ଖରକା ହ ୋଇ /ଅଳିଆ ଗଦାରେ ଫିଙ୍ଗା ଯାଉଥାଏ ତା'ର ସ୍ୱପ୍ନ**

**ଦନ୍ତଘାତରେ ନହୁନୁହାଣ କରି /ଦଳି ମକଚି ଦିଆଯାଏ /ତା'ର ଗର୍ଭର ନିଷ୍ପାପ ଭ୍ରୁଣ**

**ସମୈତି ଆଁଟା କରି ଅନଇେଥାଏ /କାନ୍ଥରେ ଅଚଳ ସୁଦର୍ଶନ /ଦାନ୍ତ ନଫେଡ଼ି ଆକାଶରେ**

**ମଜା ଦେଖୁଥାଏ ବହେିଆ ଜହ୍ନ /ଏସବୁକୁ ଦେଖି ଦେଖି /ଖୁବ ଦିକଦାର ହଲେଣି କାଚ ଓ ସିନ୍ଦୁର ।"**

( ମିଛ ସୂର୍ଯ୍ୟ , ମିଛ ସଙ୍ଗୀତ , ପୃ- ୧୦୩ )

ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମ ସମସ୍ତଙ୍କ ମନ ଭିତରେ ଗୋଟିଏ ଧାରଣା ରହିଆସିଛି ଯେ , ଧନୀମାନେ ଗରିବ ଠାରୁ , ଉପର ଶ୍ରେଣୀର ଲୋକେ ତଳ ଶ୍ରେଣୀର ଲୋକଙ୍କ ନିକଟରୁ ଅଧିକ ଖୁସିରେ ରହନ୍ତି ବୋଲି । ହେଲେ ତାହା ଆମ ଆଖିକୁ ଦେଖାଯାଏ ସମୈତି ; ମାତ୍ର ପ୍ରକୃତରେ ସମୈତି ନୁହଁ । ତାଙ୍କ ପାଖରେ କିଛି ଛଟକ ତୃପ୍ତି , ଅଯଥା ଦମ୍ଭ ଓ ଅହଂକାରର ମହାକୁମ୍ଭ ଯାହାକୁ ନଇେ ସମେନେ ସମାଜ ଆଗରେ ବଡ ପଣିଆର ପରିଚୟ ଦିଅନ୍ତି । କିନ୍ତୁ ସମେନେ ମଧ୍ୟ ଅତୃପ୍ତି ଓ ଅସହାୟ ମଧ୍ୟରେ ଗରିବ ଭଳି ଜୀବନ ବଞ୍ଚିଥାନ୍ତି । କବିଙ୍କ ନ୍ୟାୟରେ ତାହା ଏକ ଭ୍ରାମ୍ୟମାଣ ଧାରଣା । ତଳ ଶ୍ରେଣୀରଲୋକଟି ଯଭେଳି ବିପଦ ସଙ୍କୁଳ , ଅସହାୟାଛନ୍ନ ଉପର ଶ୍ରେଣୀ ଲୋକର ମଧ୍ୟ ସେଇ ସମାନ ପରିସ୍ଥିତି । ସେ ମଧ୍ୟ କ୍ଷଣେ କ୍ଷଣେ କ୍ଲାନ୍ତ ଓ ଶ୍ରାନ୍ତ , ତା'ର ଚାରିପାଖରେ ମଧ୍ୟ ଅସହାୟର କଳା ବାଦଲ ଘୋଟି ଆସେ , ତାହା କବି ଲେଖନୀରେ –

**" କବେେ କବେେ /ଉପରେ ରହୁଥିବା ଲୋକଟି ତଳ ତାଲାକୁ / ଓହ୍ଲଇେ ଖୋଜେ ଆଶ୍ରୟ !**

**ସତେବେଳେ ଯୁଆଡ଼େ ଚାହଁ /ଖାଲି ଜଳ ଆଉ ଜଳ ।"** ( ତଳଉପର , ପୃ- ୮୬ )

' ମିଛ ମଘେ ' କବିତାରେ କାବ୍ୟ ନାୟକ ପାଠକକୁ ନଇେ ପହଞ୍ଚି ଯାଇଛନ୍ତି ଜଣେ ଯୁବତୀ , ଯେ ଗୋଟିଏ ବୁଢା ବରକୁ ବିବାହ କରିଛି । ପୂର୍ବରୁ ଯପେରି କନ୍ୟାପିତାମାନେ ଧନଲୋଭରେ କୋମଳମତି କନ୍ୟାକୁ ପରିଣତ ବୟସରେ ଉପନୀତ ହୋଇଥିବା ଜଣେ ବ୍ୟକ୍ତି ସହିତ ଛନ୍ଦି ଦଉେଥିଲେ । ସେ ବୁଝେ ନାହିଁ ହୃଦୟର ଭାଷା , ବୁଝେ ନାହିଁ ଦେହର ପରିଭାଷା । ଏଇ ତରୁଣୀ ଭାଗ୍ୟରେ ବି ସପେରି ଗୋଟିଏ ବୁଢାବର ଟା ବାପା ଖୋଜି ଆଣିଛି । ତା ସ୍ୱପ୍ନ ସବୁ ପାଣି ଫୋଟକା ଭଳି ମିଳଇେ ଯାଇଛି , ଇଚ୍ଛା ସବୁ ମରୁଭୂମିର ଅସରା ବର୍ଷା ପରି ଲୁପ୍ତ ହୋଇଯାଇଛି । ତା'କୁ କାଣିଚାଏ ପ୍ରଭାବ ପକାଉ ନାହିଁ ଗ୍ରୀଷ୍ମର ଟାଣ ଖରା କି ଛାତିଥରା ଶୀତର ପ୍ରକୋପ । ତା ପାଇଁ ସମୟଟା ଅଚଳ ମାନେ ହୋଇଛି । ସେ ଚାହୁଁଛି ସଥେିରୁ ନିସ୍ତାର –

**" ଏବେ ନିଜକୁ ଭିନେ ହବୋକୁ ଚାହୁଁଛି /ନିଜର ଛାଇ**

**ଛାଟିପିଟି , ଅଣ ନିଃଶ୍ୱାସୀ ହୋଇ ।"** ( ମିଛ ମଘେ , ପୃ – ୮୭ )

॥ ୩॥

କବିପ୍ରାଣ ସେନାପତି ପ୍ରଦ୍ୟୁମ୍ନ କଶେରୀ ଯତେିକି ମାନବବାଦୀ , ସତେିକି ଆଶାବାଦୀ ମଧ୍ୟ । ଆଧୁନିକ ମଣିଷର ଘୋର ନିରାଶା ମଧ୍ୟରେ ସେ ସନ୍ଦର୍ଶନ କରିଛନ୍ତି ଆଶାର ମଧୁଗୁଞ୍ଜନ । ଏବେ ପୃଥିବୀର ପ୍ରାୟ ସବୁ ଦେଶରେ ଯୁଦ୍ଧର ବାତାବରଣ ଦେଖାଦଇେଛି । ସମସ୍ତେ ଯୁଦ୍ଧ କରିବାକୁ ଉତ୍ସୁକ ; କିନ୍ତୁ ଯୁଦ୍ଧର ପରିଣାମ ଯାହା ବି ହଉେ ନା କାହିଁକି । ଏ ଯୁଦ୍ଧ ପରେ ଚାରିଆଡେ ଧ୍ୱଂସସ୍ତୂପ , ବାରୁଦ ଗଦା ଓ ପୋଡାଭୂମି ଛଡା ଆଉ କିଛି ହିଁ ନଥିବ । ସାରା ପୃଥିବୀ ଜଳି ଜଳି ନିଃଶେଷ ହୋଇଯାଇଥିବା ଗୋଟିଏ ପାଉଁଶ ଗଦାରେ ପରିଣତ ହୋଇଥିବ – ଏସବୁ ବାତାବରଣ କାବ୍ୟନାୟକଙ୍କୁ ବ୍ୟଥିତ କରିଛି । ସେ ଏକ ନୂଆ ଯୁଦ୍ଧ କୌଶଳ ସମ୍ପର୍କରେ ସୂଚନା ଦଇେଛନ୍ତି , ଯାହାର ଉଦ୍ଦେଶ୍ୟ ହବେ ଭୋକ , ରୋଗ ଓ ମରଣ ସହ ଲଢଇେ କରିବା । ଧ୍ୱଂସସ୍ତୂପ ମଧ୍ୟରେ ସେ ନବୀନ ପୃଥିବୀର ସ୍ୱପ୍ନ ଦେଖିଛନ୍ତି , ଘୋର ନିରାଶା ମଧ୍ୟରେ ଆଶାର ସଞ୍ଚରଣ କରାଇଛନ୍ତି । କାବ୍ୟନାୟକ ପୋଡି ଯାଇଥିବା ଭୂଇଁରେ ଦୂବ ଅଙ୍କୁରିତ ହବୋର , କାକରବିନ୍ଦୁରେ ମତୁଆଲା ହବୋର କଳ୍ପନା କରିଛନ୍ତି । ସେ ଆଶା କରିଛନ୍ତି ପୃଥିବୀ ପୁଣିଥରେ ତା'ର ପୂର୍ବ ସବୁଜିମା ଫେରି ପାଇବ –

**" ଦେଖିବ ରୁହ /ଦିନେ ନା ଦିନେ /ମଣିଷ ପାଖକୁ ଫେରି ଆସିବେ ସମସ୍ତେ /ପଶୁପକ୍ଷୀ /କୀଟ , ପତଙ୍ଗ**

**ଅପହୃତ ଝରଣାର ଜଳ /ମଣିଷ ଅଣ୍ଟିରେ ଫୁଲ ଫଳ /ଅଜାଡି ଦବୋକୁ**

**ପୁଣି ଗହଳିଆ ହବେ ଜଙ୍ଗଲ ।"** ( ନୂଆ ଯୁଦ୍ଧ , ପୃ- ୧୨ )

ଆଧୁନିକ ମଣିଷ ଗର୍ବ , ଅହଙ୍କାରର ବଶବର୍ତ୍ତୀ ହ‍ୋଇ ସମସ୍ତେ ପରସ୍ପର ଠାରୁ ବିଚ୍ଛେଦ ଓ ବିଭାଜିତ । ପୂର୍ବର ପିତାପୁତ୍ର ମଧ୍ୟରେ , ଭାଇ ଭାଇ ମଧ୍ୟରେ ଥିବା ମଧୁର ସମ୍ପର୍କ ଆଉ ଦଖେିବାକୁ ମିଳୁ ନାହିଁ ।ଭାଇ ଭାଇ ମଧ୍ୟରେ ପାଚେରି ସୃଷ୍ଟି ହ‍ୋଇଛି । ଗ‍ୋଟିଏ ଜନନୀର ସନ୍ତାନ ହ‍ୋଇ ମଧ୍ୟ ଉଭୟଙ୍କ ମଧ୍ୟରେ ଏଭଳି ତିକ୍ତତା ବୃଦ୍ଧି ପାଇଛି ଯେ ପରସ୍ପର ଶତ୍ରୁ ଠାରୁ ବି ଆହୁରି ଭୟଙ୍କର ସମ୍ପର୍କ ରହିଆସିଛି । ଦେଶ ଦେଶ ମଧ୍ୟରେ , ପରିବାର ଓ ସମାଜ ମଧ୍ୟରେ ଜମି ପାଇଁ ଲାଗିଛି ଅନବରତ କ‍ୋଳାହଳ ଓ କନ୍ଦଳ । ଅଶାନ୍ତମୟ ପରିବେଶ ଭିତରେ ସମସ୍ତେ ହୃଦୟଶୂନ୍ୟ ସ୍ୱାର୍ଥୀ ମଣିଷ । ମନୁଷ୍ୟ ମନୁଷ୍ୟ ପ୍ରତି ଅନୁରାଗ , ପ୍ରକୃତି ପ୍ରତି ଅନୁରାଗ , ଜଳ –ଜମି –ଜଙ୍ଗଲ ପ୍ରତି ମମତ୍ୱବ‍ୋଧ ଆଜି ଶୂନ୍ୟ ହ‍ୋଇଛି । ତା ପ୍ରତି ବଦଳରେ ସମେ‍ାନଙ୍କ ଭିତରେ ଜାଗିଥିବା ପଶୁତ୍ , ଆସୁରିକ ପ୍ରବୃତ୍ତିକୁ ଦଖେିଛନ୍ତି । ସମସ୍ତେ ଦେଶ ବିଭାଜନ , ରାଜ୍ୟ ବିଭାଜନ ଓ ଗୃହ ବିଭାଜନରେ ବ୍ୟସ୍ତ ; ମାତ୍ର ଭାଙ୍ଗିଯାଉଥିବା ଘରକୁ , ଉଜୁଡି ଯାଉଥିବା ପରିବାରକୁ ତଥା ଧ୍ୱଂସମୁଖୀ ଦେଶକୁ ସଜାଡି ଦବୋକୁ କହେ ନାହିଁ । ହଜି ଯାଇଥିବା ଆଶାରେ ପୁଣି ଥରେ ନୂତନ ଆଶାର ସଂଚାର କରାଇବାକୁ ମଧ୍ୟ କହେ ନାହିଁ । ଏ ପୃଥିବୀରେ ସତେ ଯମେିତି କ୍ର‍ୋଧ ସ୍ୱାର୍ଥ ଅହଙ୍କାରର ବଶବର୍ତ୍ତୀ ଲ‍ୋକଙ୍କ ଛଡା ବୁଦ୍ଧି ,ବିବକେ ଏବଂ ମଣିଷତ୍ ଥିବା ଲ‍ୋକ ଖ‍ୋଜିବା ଲଙ୍କାରେ ହରିଶବ୍ଦ ସଦୃଶ । ଏପରି ଅଧ‍ୋଗତିକୁ କାବ୍ୟ ନାୟକଙ୍କ ବ୍ୟଥିତ ହୃଦୟ ସ୍ୱପ୍ନ ଦଖେିଛି ଏକ ନୂତନ ପୃଥିବୀର , ଯଉେଁଠି ଏସବୁ ଗର୍ବ , ଅହଂକାର ଅଭିମାନ ଭଳି ଅମାନବୀୟ ଗୁଣାବଳୀର ଲଶେ ନଥିବ । ତାଙ୍କ ମୁଖରେ ତାହା ପ୍ରକାଶ ପାଇଛି –

**" ସମେ‍ାନଙ୍କ ଛାତିରେ / ଢଉେ ଭାଙ୍ଗନ୍ତା କି ହସର ଝର୍ଣ୍ଣାଟିଏ / ଯାବତୀୟ ଈର୍ଷା , ଅହଂ ଓ ସନ୍ଦହେର /**

**ପାଣି ଫ‍ୋଟକ ସବୁ ମିଳଇେ ଯାଆନ୍ତା କି / ହସର ଖିଲି ଖିଲି ସୁଅରେ ।"** ( ବିଭାଜିତ ଦେଶ ,ପୃ- ୪୧ )

ପରସ୍ପର ମଧ୍ୟରେ ଏତେ ତିକ୍ତତାର କାରଣ ହଲେ‍ା ସମସ୍ତଙ୍କୁ ପଛରେ ପକାଇ ଆଗକୁ ବଢିବାର ତୀବ୍ର ଆକାଂକ୍ଷା ଓ ଆପଣା ବ୍ୟବହାର । ପଦିଏ କଥା ଭଙ୍ଗା ସଂପର୍କକୁ ଯ‍ୋଡ଼ିପାରେ ଏବଂ ଗାଢ ହ‍ୋଇଥିବା ସଂପର୍କକୁ ଭାଙ୍ଗି ମଧ୍ୟ ପାରେ ।ଏଇ ପଦିଏ କଥା ହିଁ ଘର ମଧ୍ୟରେ ପାଚେରୀ ସୃଷ୍ଟି କରେ , ବୁହାଏ ଅଶାନ୍ତିର ବନ୍ୟା ।ମାତ୍ର ସଇେକଥା ବଳେବେଳେ ଏମିତି ମଧୁର ହ‍ୋଇଯାଏ ଯେ ଶିଳା ଶାଳଗ୍ରାମରେ ପରିଣତ ହ‍ୋଇଯାଏ , ମଲା ଦହେରେ ପଶେ ନୂଆ ଜୀବନ । ବିଖ୍ୟାତ ସଂସ୍କୃତ ପଣ୍ଡିତ ଚାଣକ୍ୟ କହନ୍ତି – " ପ୍ରିୟ ବାକ୍ୟ ପ୍ରଦାନନେ ସର୍ବେ ତୁଷ୍ୟନ୍ତି ଜନ୍ତବଃ / ତସ୍ମାତ୍ ତଦବୈ ବକ୍ତବ୍ୟମ୍ ବଚନେ କା ଦରିଦ୍ରତା ।" ଅର୍ଥାତ ମଧୁର ବଚନ କହିବା ଦ୍ୱାରା ଯଦି ସମସ୍ତେ ସନ୍ତୁଷ୍ଟ ବା ଆନନ୍ଦିତ ହ‍ୋଇ ପାରୁଛନ୍ତି , ଶତ୍ରୁତା ପରିହାର କରି ମିତ୍ରତାର ହାତ ବଢାଉଛନ୍ତି ତବେେ ଏପରି ବାକ୍ୟ କଥନରେ କାର୍ପଣ୍ୟ କାହିଁକି ? ଏହି ନ୍ୟାୟରେ କବି ପ୍ରାଣରେ ମଧ୍ୟ ଫୁଟି ଉଠିଛି ଏକ ନୀଳଜ୍ୟ‍ୋତ୍ସ୍ନା , ଯାହା ସମସ୍ତଙ୍କୁ ମୈତ୍ରୀ ବନ୍ଧନରେ ବାନ୍ଧିଦବେେ –

**" ହଲେେ ସଇେ ଜିଭରୁ / ପୁଣି ଏମିତି ପଦେ ପଦେ କଥା / ଝରିପଡନ୍ତେ ଯେ ,/ ଅମାବାସ୍ୟାରେ ବି**

**ଦଖେଇେଦିଏ / ପୁନଇେ ଜହ୍ନ / ନିମିଷେ ଭୁଲଇେ ଦିଏ ସବୁ ବିଷାଦ / ଦୂରଇେ ଦିଏ ମରଣର ଭୟ ।"**

( ପଦୁଟିଏ କଥା , ପୃ – ୭୫ )

ବାହାରେ ଲାଗି ରହିଥିବା ଭୟଙ୍କର ଝଡ , କ‍ୋଳାହଳ ଭିତରୁ ନିସ୍ତାର ଚାହିଁଛନ୍ତି କାବ୍ୟ ନାୟକ । ହଲେେ ଏ ଝଡରୁ ମଣିଷକୁ ନିସ୍ତାର କାହିଁ ? ଏ ଝଡର ମାତ୍ରା ଏତେ ଅଧିକ ଯେ ବାହାରେ ଯତେିକି ଅଗମ୍ୟ , ଭିତରେ ମଧ୍ୟ ସତେିକି ଦୁର୍ଗମ । ହୃଦୟ ଭିତରେ ଯଉେଁ ଲ‍ୋଲୁପତା , ଲ‍ୋଭ , ସ୍ୱାର୍ଥ ଓ କାମନାର ଅଳନ୍ଧୁ ଲାଗିଛି , ବାହାରେ ମଧ୍ୟ ତା'ର ଗନ୍ଧ ସମାନ । ପ୍ରତିଟି ଶ୍ୱାସ ପ୍ରଶ୍ୱାସରେ ଯଉେଁ ବିଚିକିଟିଆ ଦୁର୍ଗନ୍ଧ ପ୍ରବାହିତ ସଥେିରେ କାବ୍ୟ ନାୟକଙ୍କ ଜୀବନ ସନ୍ତୁଳିତ ହ‍ୋଇଛ । ସେ ସ୍ଥିର କରିଛନ୍ତି ଯେ , ବାହାରେ ଥିବା ବିକଟ ଗନ୍ଧ ଓ ଭିତରେ ଲାଗିଥିବା ଅଳନ୍ଧୁକୁ ନିଜେ ହିଁ ପରିଷ୍କାର କରିବାକୁ ପଡ଼ିବ , ଯଥା –

**" ନିଜଭେ ବର୍ଷା ହୋଇ / ହୋଇ ବନ୍ୟାଜଳ / ଧୋଇବାକୁ ହବେ ଯେତେ ସବୁ**

**ଆବର୍ଜନା ବିଷାକ୍ତ ଗରଳ ।"** ( ଝଡରୂପ , ପୃ – ୩୮ )

କାବ୍ୟନାୟକଙ୍କ ' ପୁରାଣ ନଦୀ ' କବିତା ସଂକଳନ ମଧ୍ୟରେ ଆଧୁନିକ ମଣିଷର ଭିନ୍ନ ସ୍ଥାନରେ , ଅଲଗା ଅଲଗା ସମୟରେ ଯେଉଁ ଅଭାବବୋଧ ଓ ଅସହାୟବୋଧ ରୂପ ପାଇଛି । ବର୍ତ୍ତମାନ ମଣିଷ କିପରି ଭାବେ ସବୁ ସମୟରେ ଅସହାୟତାର ଶିକାର ହେଉଛି , ତାହା ଏ କବିତା ପୁସ୍ତକ ପାଠ କଲେ ସ୍ପଷ୍ଟ ଅନୁଭବ କରିହବେ । ସଙ୍କଳନର ଅଧିକାଂଶ କବିତାରେ ମଣିଷର ଅସହାୟତାର ଚିତ୍ର ପ୍ରକଟିତ ହୋଇଛି । ଆଧୁନିକ ମଣିଷର ଚିତ୍ର ଆଙ୍କୁ ଆଙ୍କୁ କବିତା ମଧ୍ୟରେ ମଧୁର ଭାବ ଓ ଭାଷାର ଯେଉଁ ମୂର୍ଚ୍ଛନାଟିଏ ତୋଳିଛନ୍ତି , ତାହା ପ୍ରକୃତରେ ପ୍ରଶଂସନୀୟ । ସଂକଳନ ମଧ୍ୟରେ ରହିଥିବା ପ୍ରତ୍ୟେକେଟି କବିତା ଯେତିକି ପାଠକର ରୁଚିଗ୍ରାହୀ , ତାହାର ଭାବ ଓ ଭାଷା ମଧ୍ୟ ସମ ପରିମାଣରେ ଗ୍ରହଣଯୋଗ୍ୟ – ଏକଥା ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ଏଇ ପରିପ୍ରେକ୍ଷୀରେ ' ପୁରାଣ ନଦୀ ' କବିତା ସଂକଳନ ଆଧୁନିକ ମଣିଷର ଅସହାୟତାର ପ୍ରତିଲିପି ବୋଲି ମତବ୍ୟକ୍ତ କରିବା ଆଦୌ ଅଯଥାର୍ଥ ନୁହେଁ ।

■■■